# ନୂଆ ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପ୍ ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରବେଶ କରିଛି ଫ୍ଲିପ୍‌କାର୍ଟ

- .୨୦,୦୦୦ରୁ ଅଧିକ ପିନ୍‌କୋଡ୍‌ରେ ଭାରତୀୟ ଗ୍ରାହକଙ୍କୁ ଗୁଣାତ୍ମକ ଓ ସୁଲଭ ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦର ଏକ ବିସ୍ତୃତ ଶୃଙ୍ଖଳା ପାଇଁ ପହଂଚକୁ ଉନ୍ନତ କରିବା ଏବଂ 'ସୁସ୍ଥ ଭାରତ' ପ୍ରତି ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛି।
- . ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା ପାଇଁ ସୁଦୂର ଅଂଚଳରେ ଅସଲି ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦଗୁଡିକ ପାଇଁ ଉପଲବ୍ଧତାରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଅନ୍ତରକୁ ଦୂର କରି ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜଭୁତ କରିବା ଓ ଏଥିରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି।

ବେଙ୍ଗାଲୁରୁ/କୋଲ୍‌କାତା, ୬ ଏପ୍ରିଲ ୨୦୨୨: ଫ୍ଲିପ୍‌କାର୍ଟ ଗ୍ରୁପର ଡିଜିଟାଲ ହେଲ୍‌ଥକେୟାର ମାର୍କେଟ୍‌ପ୍ଲେସ୍ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ହେଲ୍‌ଥ+ ପକ୍ଷରୁ ଆଜି ଏକ ଟେକ୍-ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପର ଲଂଚ୍ ଘୋଷଣା କରାଯାଇଛି ଯାହା ଦେଶବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଅସଲି ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦ ଏବଂ ସେବା ପାଇଁ ପହଂଚକୁ ସକ୍ଷମ କରୁଛି। ଭାରତରେ ୨୦,୦୦୦ରୁ ଅଧିକ ପିନ୍‌କୋଡ୍‌ରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ସହିତ, ଫ୍ଲିପ୍‌କାର୍ଟ ହେଲ୍‌ଥ+ , ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପ୍ ମାଧ୍ୟମରେ ସ୍ୱାଧୀନ ସେଲରଙ୍କଠାରୁ ଗୁଣାତ୍ମକ ଓ ସୁଲଭ ଔଷଧ ଏବଂ ସ୍ୱାସ୍ଥ୍ୟସେବା ଉତ୍ପାଦଗୁଡିକର ସହଜ ଓ ସୁବିଧାଜନକ ପହଂଚକୁ ସକ୍ଷମ କରିବ।

ଫ୍ଲିପ୍‌କାର୍ଟ ହେଲ୍‌ଥ+, ଶସ୍ତାସୁନ୍ଦର ଡଟ୍ କମ୍‌ର ଦେଶବ୍ୟାପୀ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ନେଟ୍‌ୱର୍କ ସହ ଜଡିତ ହୋଇ ଫ୍ଲିପ୍‌କାର୍ଟ ଗ୍ରୁପର ପହଂଚର ଶକ୍ତି ଓ ଅନ୍ତିମ ମାଇଲ ଦୂରତା ଯୋଗାଣ ଶୃଙ୍ଖଳା କ୍ଷମତାର ବିଶେଷଜ୍ଞତା ଏବଂ ଅଭିଜ୍ଞତାରୁ ଉପକୃତ ହେବ। ଦୀର୍ଘାବଧି ସ୍ଥାୟୀ ସୁସ୍ଥତା ଓ ସାମାଜିକ ବିକାଶ କ୍ଷେତ୍ରରେ ହେଲ୍‌ଥକେୟାର ଇକୋସିଷ୍ଟମ ସହିତ ସହଭାଗିତା କରିବା ସହିତ ଏହା ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରତି ସୁଲଭ ପହଂଚକୁ ସକ୍ଷମ କରି ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି।

**ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପର ଉନ୍ମୋଚନ ସମ୍ପର୍କରେ ମତ ରଖି, ଫ୍ଲିପ୍‌କାର୍ଟ ହେଲ୍‌ଥ+ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପ୍ରଶାନ୍ତ ଜଭେରୀ କହିଛନ୍ତି,** କୋଭିଡ୍-୧୯ ମହାମାରୀ ପରଠାରୁ ଭାରତୀୟମାନେ ସୁସ୍ଥତା ଓ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବାକୁ ପସନ୍ଦ କରିବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ପାଇଛନ୍ତି ଏବଂ ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ଏକ ବର୍ଦ୍ଧିତ ଗୁରୁତ୍ୱ ରହିଛି। ଫ୍ଲିପ୍‌କାର୍ଟ ହେଲ୍‌ଥ+ ମାଧ୍ୟମରେ, ଆମେ ଦେଶବ୍ୟାପୀ, ବିଶେଷ କରି ବର୍ତ୍ତମାନ ପର୍ଯ୍ୟନ୍ତ ଅସଂରକ୍ଷିତ ଥିବା ଦେଶର ସୁଦୂର ଅଂଚଳଗୁଡିକରେ ଅସଲି ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦ ଏବଂ ସେବାଗୁଡିକ ପ୍ରତି ଉପଲବ୍ଧତାରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଅନ୍ତରକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ। ଆମେ ଟେକ୍ନୋଲୋଜିକୁ ଏଭଳି ଭାବେ ବ୍ୟବହାର କରିବାକୁ ଚାହୁଁଛୁ ଯାହା ହେଲ୍‌ଥକେୟାର ଇକୋସିଷ୍ଟମକୁ ମଜଭୁତ କରିବ ଏବଂ ଏହାକୁ ଦେଶର ଦୂରଗାମୀ ଅଂଚଳରେ ରହୁଥିବା ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ଉପଲବ୍ଧତାକୁ ସରଳ କରି ଗ୍ରାହକଙ୍କୁ ଉନ୍ନତ ଭାବେ ସେବା ପ୍ରଦାନ କରିବା ଲାଗି ସକ୍ଷମ କରିବା ସହ ଏକ ସୁସ୍ଥ ଭାରତ ପ୍ରତି ଯୋଗଦାନ ଦେଇପାରିବ।

ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପ୍‌କୁ ଏକ ଉପଭୋକ୍ତା ଅନୁକୂଳ ଇଂଟରଫେସ୍ ସହିତ ଡିଜାଇନ୍ ଓ ବିକଶିତ କରାଯାଇଛି ଯାହା ଗ୍ରାହକଙ୍କୁ, ସେମାନଙ୍କର ବୈଷୟିକ ଗ୍ରହଣୀୟତା ନିର୍ବିଶେଷରେ ଆକୃଷ୍ଟ କରିବ। ଏକ ଉନ୍ନତ ଟେକ୍ନୋଲୋଜି ଓ ଲଜିଷ୍ଟିକ୍ ଭିତିଭୂମି ସହିତ, ଫ୍ଲିପ୍‌କାର୍ଟ ହେଲ୍‌ଥ+, ନିୟାମକୀୟ ଢାଂଚା ସହ ଜଡିତ ହୋଇ ଭାରତର ଅଧିକ ଗ୍ରାହକଙ୍କୁ, ବିଶେଷ କରି ମୌଳିକ ସୁବିଧାରୁ ବଂଚିତ ସୁଦୂର ଅଂଚଳଗୁଡିକରେ ଜଟିଳ ଓ ପୁରୁଣା ରୋଗ ସମେତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଔଷଧ, ସ୍ୱାସ୍ଥ୍ୟସେବା ଉତ୍ପାଦ ଓ ସେବାର ପହଂଚକୁ ସକ୍ଷମ କରିବ।

ଆରମ୍ଭ କରିବା ପାଇଁ ଫ୍ଲିପ୍‌କାର୍ଟ ହେଲ୍‌ଥ+ ପ୍ଲାଟ୍‌ଫର୍ମରେ ୫୦୦ରୁ ଅଧିକ ସ୍ୱାଧୀନ ସେଲର୍ ରହିବେ ଯେଉଁମାନଙ୍କ ପାଖରେ ମେଡିକାଲ ପ୍ରେସ୍‌କ୍ରିପ୍‌ଶନଗୁଡିକର ବୈଧତା ଏବଂ ଔଷଧ ଗୁଡ଼ିକର ସଠିକ ବିତରଣ ପାଇଁ ପଞ୍ଜୀକୃତ ଫାର୍ମାସିଷ୍ଟଙ୍କ ଏକ ନେଟ୍‌ୱର୍କ ରହିଛି। ଏହା ଏକ ମଧ୍ୟସ୍ଥି ମାର୍କେଟ୍‌ପ୍ଲେସ ପ୍ଲାଟ୍‌ଫର୍ମ ହୋଇଥିଲେ ମଧ୍ୟ, ଫ୍ଲିପ୍‌କାର୍ଟ ହେଲ୍‌ଥ+ ବିଭିନ୍ନ ଗୁଣବତା ଯାଂଚ ଓ ଭେରିଫିକେଶନ ପ୍ରୋଟୋକଲ୍ ଲାଗୁ କରିଛି ଯାହା ସ୍ୱାଧୀନ ସେଲର୍‌ମାନଙ୍କଠାରୁ ଗ୍ରାହକମାନଙ୍କ ଡୋର୍‌ଷ୍ଟେପ୍‌କୁ ଅସଲି ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦଗୁଡିକର ଡେଲିଭରି କରିବ। ଆଗାମୀ ମାସଗୁଡିକରେ ଫ୍ଲିପ୍‌କାର୍ଟ ହେଲ୍‌ଥ+ , ତୃତୀୟ ପକ୍ଷ ସ୍ୱାସ୍ଥ୍ୟସେବା ପ୍ରଦାତାଙ୍କୁ ନିଯୁକ୍ତ କରିବାକୁ ଯୋଜନା ରଖିଛି, ଯେଉଁମାନେ ଗ୍ରାହକଙ୍କୁ ଟେଲିକନ୍‌ସଲ୍‌ଟେଶନ ଓ ଇ-ଡାଇଗ୍ନୋଷ୍ଟିକ୍ସ ଭଳି ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ।

ଉଭୟ ରାଜସ୍ୱ ଓ ନିଯୁକ୍ତି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା ଭାରତୀୟ ଅର୍ଥନୀତିର ଅନ୍ୟତମ ସର୍ବବୃହତ୍ କ୍ଷେତ୍ରରେ ପରିଣତ ହୋଇଛି। ଦେଶବ୍ୟାପୀ ଔଷଧ ଓ ସ୍ୱାସ୍ଥ୍ୟସେବା ଉତ୍ପାଦର ଏକ ଶୃଙ୍ଖଳାକୁ ପହଂଚଯୋଗ୍ୟ କରିବା ପାଇଁ ଭାରତରେ ଡିଜିଟାଲ ଗ୍ରହଣୀୟତାର ଉଦୀୟମାନ ବୃଦ୍ଧି  ଏକ ସୁଯୋଗ ଅଟେ।

ପ୍ରାଥମିକ ଭାବେ ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର୍ ଏବଂ ଭବିଷ୍ୟତରେ ଆଇଓଏସ ରେ ଉପଲବ୍ଧ ହେବାକୁଥିବା ଫ୍ଲିପ୍‌କାର୍ଟ ହେଲ୍‌ଥ+ ଆପ୍‌କୁ ନିମ୍ନ ବ୍ୟାଣ୍ଡୱିଡ୍‌ଥରେ ମଧ୍ୟ ଆକ୍‌ସେସ୍ କରାଯାଇପାରିବ, ଯାହା ଏହାକୁ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ପହଂଚଯୋଗ୍ୟ କରୁଛି।

## About Flipkart Health+

Flipkart Health+ is the digital healthcare marketplace platform that is a part of the Flipkart Group - India’s homegrown consumer internet ecosystem. Flipkart Health+ aims to provide millions of customers across the country access to quality and affordable healthcare through genuine medicines and healthcare products delivered to them. Flipkart Group acquired a majority stake in SastaSundar.com marketplace platform in 2021 to synergise its in-depth expertise to enable customers with high-quality medicines and healthcare products and services in the health-tech ecosystem through Flipkart Health+. The platform would benefit from the experience and expertise of the Flipkart Group, which includes its pan-India reach and technology capabilities, along with SastaSundar.com’s in-depth expertise to provide customers with an array of genuine offerings in the health-tech ecosystem.

**For more information, please contact media@flipkart.com**

**For media queries, please contact Ruder Finn –**


| | |
|---|---|
| Swati Chauhan<br>chauhans@ruderfinnasia.com / 8505947705 | Medha Banerjee<br>banerjeem@RuderFinnAsia.com / 9874393817 |